# ବଢ଼ିଲା ବସ୍ ଭଡ଼ା

**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:**

ରାଜ୍ୟବ୍ୟାପୀ ବସ୍ ଭଡ଼ା ବୃଦ୍ଧି ହୋଇଛି । ଡିଜେଲ ଦରରେ ବୃଦ୍ଧି ଯୋଗୁଁ ରାଜ୍ୟ ସରକାର ବସ୍ ଭଡ଼ା ବୃଦ୍ଧି କରିଛନ୍ତି । ଏହି କ୍ରମରେ ସାଧାରଣ, ଏକ୍ସପ୍ରେସ ବସ୍ ଭଡ଼ା ପ୍ରତି କିଲୋମିଟର ପିଛା ୧ ପଇସା ବୃଦ୍ଧି କରାଯାଇଛି । ସେହିଭଳି ଡିଲକ୍ସ, ଏସି ଡିଲକ୍ସ ବସ୍ ଭଡ଼ା କିଲୋମିଟର ପ୍ରତି ୨ ପଇସା ବୃଦ୍ଧି କରାଯାଇଛି । ଡିଜେଲ ଦର ବୃଦ୍ଧି ପାଇବା ଯୋଗୁଁ ଅଟୋମେକାନିଜିମ୍ ଜରିଆରେ ବସ୍ ଭଡ଼ା ବୃଦ୍ଧି କରାଯାଇଥିବା ସୂଚନା ମିଳିଛି । ପୂର୍ବରୁ ସାଧାରଣ ବସ୍ ଭଡ଼ା ପ୍ରତି କିଲୋମିଟର ପିଛା ୬୮ ପଇସା ଥିବା ବେଳେ ବର୍ତ୍ତମାନ ତାହା ୬୯ ପଇସାକୁ ବୃଦ୍ଧି ପାଇଛି । ଏକ୍ସପ୍ରେସ ବସ୍ ଭଡ଼ା କିଲୋମିଟର ପ୍ରତି ୭୧ ପଇସା ଥିବା ବେଳେ ତାହା ବର୍ତ୍ତମାନ ୭୨ ପଇସାରେ ପହଞ୍ଚିଛି । ସେହିଭଳି ଡିଲକ୍ସ ବସ୍ ଭଡ଼ା ପ୍ରତି କିଲୋମିଟରକୁ ୯୭ ପଇସା ଥିବାବେଳେ ଯାତ୍ରୀଙ୍କୁ ବର୍ତ୍ତମାନ ୯୯ ପଇସା ଦେବାକୁ ପଡ଼ିବ । ଏସି ଡିଲକ୍ସ ବସ୍‌ରେ ପୂର୍ବରୁ କିଲୋମିଟର ପିଛା ୧ ଟଙ୍କା ୧୯ ପଇସା ଦେବାକୁ ପଡୁଥିବା ବେଳେ ବର୍ତ୍ତମାନ ତାହା ୧ ଟଙ୍କା ୨୧ ପଇସାରେ ପହଞ୍ଚିଛି ।